# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 20 January – 2026

---

## ସୁପ୍ରିମକୋର୍ଟ

ପର୍ବପର୍ବାଣୀ ସମୟରେ ବିମାନଭଡ଼ାରେ ଅତ୍ୟଧିକ ବୃଦ୍ଧି ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଏଭଳି ଭଡ଼ା ବୃଦ୍ଧି ଯାତ୍ରୀଙ୍କ ଉପରେ ଆର୍ଥିକ ବୋଝ ବୋଲି କହିଛନ୍ତି । ଏହି ମାମଲାରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃୟାରୀ ମାସ ୨୩ ତାରିଖକୁ ଧାର୍ଯ୍ୟ ହୋଇଛି ।

---

## ରାଜ୍ୟପାଳ

ନବସୃଜନ ଏବଂ ଉଦ୍ୟୋଗ ସୃଷ୍ଟି ମାଧ୍ୟମରେ ରାଜ୍ୟ ତଥା ଦେଶକୁ ଅଧିକ ସଶକ୍ତ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଲୋକ ଭବନର ଅଭିଷେକ ହଲ୍‌ରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ସହ ଭାବ ବିନିମୟ କରି ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ ହେବା ସହ ଏ ନେଇ ସଚେତନତା ବୃଦ୍ଧି ଉପରେ ରାଜ୍ୟପାଳ ଦକ୍ଷତା ବିକାଶ ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି ।

---

## ଅବକାରୀ ବ୍ୟବସ୍ଥା

ରାଜ୍ୟରେ ଅବକାରୀ ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ବେଆଇନ ମଦ କାରବାରକୁ ପ୍ରତିହତ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍‌ର ଛତ୍ରପୁର କାର୍ଯ୍ୟାଳୟ ଏବଂ ଡିପୋକୁ ଗତକାଲି ଆଭାସୀ ମାଧ୍ୟମରେ ଉଦ୍ଘାଟନ କରି ଶ୍ରୀ ହରିଚନ୍ଦନ ଏହା କହିଛନ୍ତି । ୩ ଏକର ପରିମିତ ଅଞ୍ଚଳରେ ୧୭କୋଟି ୪୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ଓ ଡିପୋରେ ୨୮ ହଜାର ବର୍ଗଫୁଟ ଷ୍ଟୋରେଜ୍ କ୍ଷମତା ରହିଛି ।

## ଦକ୍ଷତା ବିକାଶ ଫେଲୋସିପ୍

ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମରେ ତୃତୀୟ ଏକାଡେମିକ୍ ଫୋରମ୍ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଗତକାଲି ଉଦ୍‌ଘାଟିତ ହୋଇଛି । ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଏହି କାର୍ଯ୍ୟକ୍ରମ ଯୁବ ପେଶାଦାରଙ୍କୁ ସାମିଲ କରି ବିକେନ୍ଦ୍ରୀକୃତ ଦକ୍ଷତା ଶାସନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିଛି ବୋଲି କହିଛନ୍ତି ।

## ବିଜେପି-ରାଷ୍ଟ୍ରୀୟ ଅଧ୍ୟକ୍ଷ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନବୀନ ନୀତିନଙ୍କ ନାମ ଆଜି ବିଧିବଦ୍ଧ ଭାବେ ଘୋଷଣା କରାଯିବ । ଗତକାଲି ଅନୁଷ୍ଠିତ ଦଳୀୟ ନିର୍ବାଚନରେ ଶ୍ରୀ ନବୀନ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ

କରିଥିଲେ । ବର୍ତ୍ତମାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ ।

## ଓଡ଼ିଶା ଗସ୍ତ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଗତକାଲିଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ପଞ୍ଚସଖା ସେତୁ ସଂଗଠନ କାର୍ଯ୍ୟାଳୟକୁ ପରିଦର୍ଶନ କରିବା ସହିତ ଶିକ୍ଷାର ଉନ୍ନତି ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଛନ୍ତି ।

## ଡଲ୍‌ଫିନ୍ ଗଣନା

ଚିଲିକାରେ ଆଜିଠାରୁ ଡଲଫିନ୍ ଗଣନା କରାଯାଉଛି। ତିନିଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗଣନା ପାଇଁ ୧୮ଟି ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଛି। ଏଥିରେ ଜଣେ ବିଶେଷଜ୍ଞଙ୍କ ସହିତ ୩ରୁ ୫ ଜଣ ଗଣନାକାରୀ ରହିଛନ୍ତି। ଚିଲିକା ସଂଲଗ୍ନ ବାଲୁଗାଁ ଓ ସାତପଡ଼ାରେ ଡଲଫିନ୍ ଗଣନା କରାଯାଉଛି। ଏଥିପାଇଁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡଙ୍ଗା ଚଳାଚଳକୁ ନିଷେଧ କରାଯାଇଛି।

## ଜୟନ୍ତୀ

ମହାନ ବିପ୍ଳବୀ ଚନ୍ଦନ ହଜୁରୀ-ଚାଖି ଖୁଣ୍ଟିଆଙ୍କ ଜୟନ୍ତୀରେ ଆଜି ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଭୁବନେଶ୍ୱରସ୍ଥିତ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ସନ୍ଧ୍ୟାରେ ଭୁବନେଶ୍ୱର

ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ ।

---

## ଆଇନ ସଚେତନତା

ଝାରସୁଗୁଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଗତକାଲି ଆଇନ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଇକୋର୍ଟ ଏବଂ ଅନ୍ୟାନ୍ୟ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଉଥିବା ନିଷ୍ପତ୍ତି ଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ ତଥା ନାଗରିକଙ୍କ ବିଭିନ୍ନ ସାମ୍ବିଧାନିକ ଅଧିକାର ସଂପର୍କିତ ଆଇନଗୁଡ଼ିକ ଉପରେ ଏଥିରେ ଆଲୋଚନା ହୋଇଛି ।

---

## ଲୋକମହୋତ୍ସବ

୨୩ତମ ବଲାଙ୍ଗୀର ଲୋକମହୋତ୍ସବ ଗତକାଲିଠାରୁ ଆରମ୍ଭ ହୋଇଛି । ସାଂସଦ ନିରଞ୍ଜନ ବିଶି ଏହି ପାଞ୍ଚଦିନିଆ ମହୋତ୍ସବର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା ଏବଂ ଜିଲ୍ଲା ବାହାରର ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ମଣ୍ଡପମାନ ଖୋଲାଯାଇଛି ।

---

## ମାରାଥନ

ଗୋପାଳପୁର ବେଳାଭୂମି ମହୋତ୍ସବ ଅବସରରେ ଆସନ୍ତା ୨୫ ତାରିଖରେ ଏକ ବୃହତ ମାରାଥନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ପଞ୍ଜୀକରଣର ବ୍ୟବସ୍ଥା ହୋଇଛି । ଅନ୍‌ଲାଇନ ପଞ୍ଜୀକରଣ ପାଇଁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ଅଫ୍ ଲାଇନ୍ ପଞ୍ଜୀକରଣ ୨୫

ତାରିଖ ସକାଳ ସାଢ଼େ ୫ଟାରେ ଡୁରା ଜଙ୍କ୍ସନ୍‌ଠାରେ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ସ୍ୱଦେଶୀ ସଂକଳ୍ପ ଦୌଡ଼

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଛକଠାରେ ସ୍ୱଦେଶୀ ସଂକଳ୍ପ ଦୌଡ଼ ଅନୁଷ୍ଠିତ ହୋଇଯାଇଛି । ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବା ସହ ଏକ ସ୍ୱଦେଶୀ ସଂକଳ୍ପ ଯାତ୍ରା ସ୍ୱତନ୍ତ୍ର ରଥ ସହର ପରିକ୍ରମା କରିଥିଲା ।

## ରାଜ୍ୟପାଳ-ପୁରସ୍କାର

ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟରେ ସୃଷ୍ଟ ଆହ୍ୱାନଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କୁ ଜିଜ୍ଞାସୁ ଏବଂ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ରାଜ୍ୟପାଳ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ପାଣିପାଗ

ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରକୋପ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ବୃଦ୍ଧି ସହ ଶୀତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।